# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୪୦୨୮୪.......... ତା ୦୮-୭-୨୫..... ରିଖ

ପାଖେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୩୦.୦୬.୨୦୨୫ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୩୦.୦୬.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

୮/୭/୨୫

ସଚିବ

ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୪୦୨୮୫....../ତା ...୦୮-୭-୨୫..... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୮/୭/୨୫

ସଚିବ

ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୪୦୨୮୬....../ତା ..୦୮-୭-୨୫.... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପେରଣ କରାଗଲା ।

୮/୭/୨୫

ସଚିବ

ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୪୦୨୮୭....../ତା ...୦୮-୭-୨୫... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡ଼ି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି (ପାର୍କିଙ୍ଗ)/ ଡ଼ି.ସି (ଗୃହ ଟିକସ)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୮/୭/୨୫

ସଚିବ

ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୩୦.୦୬.୨୦୨୬ ରିଖ ✱ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✱ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡ଼େପୁଟି ମେୟର |
| ୩. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୪. | ସୁକୁମାର ସାହୁ | ୱାର୍ଡ଼ ନଂ-୦୪ |
| ୫. | ମିନୁଶ୍ରୀ ଖୁଁଟିଆ | ୱାର୍ଡ ନଂ-୦୫ |
| ୬. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୭. | ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୮. | ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ ୧୧ |
| ୯. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୦. | ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୧. | ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୨. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୩. | ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୪. | ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୧୫. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୧୬. | ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୧୭. | ପୂଜା ବେହେରା | ୱାର୍ଡ଼ ନଂ-୨୧ |
| ୧୮. | ଦୀପକ କୁମାର ମିଶ୍ର | ୱାର୍ଡ଼ ନଂ-୨୪ |
| ୧୯. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ଼ ନଂ-୨୫ |
| ୨୦. | ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୧. | ଶୁଭ୍ରାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୨. | ଝରଣାରାଣୀ ପତି | ୱାର୍ଡ଼ ନଂ-୨୮ |
| ୨୩. | ଅପରୂପ ନାରାୟଣ ରାଉତ | ୱାର୍ଡ଼ ନଂ-୨୯ |
| ୨୪. | ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୨୫. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୨୬. | ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୨୭. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୨୮. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୨୯. | ଅଲିଅଳି ମଲ୍ଲିକ୍ | ୱାର୍ଡ଼ ନଂ-୩୬ |
| ୩୦. | ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୧. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୨. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୩. | ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୩୪. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୩୫. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୩୬. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୩୭. | ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୩୮. | ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୩୯. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୦. | ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୧. | ସୁଚିତ୍ରା ପାତ୍ର | ୱାର୍ଡ଼ ନଂ-୪୮ |
| ୪୨. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୩. | ରାମଚନ୍ଦ୍ର ରଣସିଂହ | ୱାର୍ଡ଼ ନଂ-୫୦ |
| ୪୪. | ବିନୟିନୀ ଜେନା | ୱାର୍ଡ଼ ନଂ-୫୧ |
| ୪୫. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୬. | ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୪୭. | ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୪୮. | ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୪୯. | କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୦. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୧. | ନମିତା ମହାପାତ୍ର | ୱାର୍ଡ଼ ନଂ-୫୮ |
| ୫୨. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୩. | ଚନ୍ଦ୍ରଶେଖର ମଲ୍ଲିଆ | ୱାର୍ଡ଼ ନଂ-୬୦ |
| ୫୪. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୫. | ସ୍ୱର୍ଣ୍ଣଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୫୬. | ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୫୭. | ସଜିବା ମୁଶରଫ | ୱାର୍ଡ଼ ନଂ-୬୪ |
| ୫୮. | ରଶ୍ମିରଞ୍ଜନ ପାଟଶାଣୀ | ୱାର୍ଡ଼ ନଂ-୬୫ |
| ୫୯. | ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |
| ୬୦. | ସାଗର ବଳବନ୍ତରାୟ<br>ମାନ୍ୟବର ବିଧାୟକ, "ମଧ" ଙ୍କ ପ୍ରତିନିଧି | |

ଅଦ୍ୟ ତା ୩୦.୦୬.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା–ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, କମିଶନର, ସମସ୍ତ କର୍ପୋରେଟର, ମାନ୍ୟବର ବିଧାୟକ "ମଧ" ଙ୍କ ପ୍ରତିନିଧି, ଅତିରିକ୍ତ କମିଶନର, ନିଗମର ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ 'ବନ୍ଦେ ଉତ୍କଳ ଜନନୀ' ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ଭୁବନେଶ୍ୱର ମହାନଗର ନିଗମରେ ଅତିରିକ୍ତ କମିଶନର ଭାବେ ଶ୍ରୀ ଶୁଭେନ୍ଦୁ କୁମାର ସାହୁ ପୁନଃବାର କାର୍ଯ୍ୟରେ ଯୋଗ ଦେଇଥିବାରୁ କର୍ପୋରେସନ ତରଫରୁ ସ୍ୱାଗତ କରାଯାଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନନୀୟା ମେୟର, ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାର୍‌ମ୍ୟାନ୍/ଚେୟାର୍‌ପର୍‌ସନ୍, ସମସ୍ତ କର୍ପୋରେଟର, ମାନ୍ୟବର ବିଧାୟକଙ୍କ ପ୍ରତିନିଧି ଓ ସମସ୍ତ ଅଧିକାରୀମାନଙ୍କୁ ଜୁନ୍ ମାସ ସାଧାରଣ ବୈଠକକୁ ସ୍ୱାଗତ ଜଣାଇ କହିଥିଲେ ଯେ, ଭୁବନେଶ୍ୱରର ବିକାଶ ଦ୍ରୁତ ଗତିରେ ବଢିଚାଲିଛି, ବଡ଼ ବଡ଼ ପ୍ରୋଜେକ୍ଟ ହାତକୁ ନିଆଯାଇଅଛି । ରାଜ୍ୟ ସରକାରଙ୍କ ଠାରୁ ମିଳିଥିବା Capital Assets Fund ରେ ମଧ ବହୁ କାର୍ଯ୍ୟ ସମ୍ପାଦନ କରାଯାଉଅଛି । ୨୦୦ କୋଟି ଟଙ୍କାର ବଡ଼ ବଡ଼ ଡ୍ରେନ୍ କାମ ଆରମ୍ଭ ହୋଇଅଛି, ଏଥିରେ ମଧ ସାଇଫନ୍ କାର୍ଯ୍ୟ ରହିଅଛି । ଆଗାମୀ ବର୍ଷାଋତୁ ପାଇଁ କଂଟ୍ରୋଲ୍ ରୁମ୍ କରାଯାଇଅଛି । ଜଳବନ୍ଦୀ ନହେବାପାଇଁ ନାଳ ସଫେଇ କାର୍ଯ୍ୟ ମଧ ଭଲ ଭାବରେ କରାଯାଉଅଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ମଧ ବଡ଼ ବଡ଼ ପ୍ରୋଜେକ୍ଟ ଅନୁମୋଦନ ହୋଇଅଛି, ସାନିଟେସନ୍ କାର୍ଯ୍ୟ ପାଇଁ ନୂଆ ଟେଣ୍ଡର ହୋଇଅଛି, ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ରହିଅଛି । Pet Crematorium ଜୁଲାଇ ମାସରୁ କାର୍ଯ୍ୟକ୍ଷମ ହେବ । ୱେଷ୍ଟରୁ ଶକ୍ତି, ୱେଷ୍ଟରୁ ଗ୍ରରକଲ ପାଇଁ ପଦକ୍ଷେପ ନିଆଯାଉଅଛି । ଆମିଷ (Non-veg) ଅଳିଆକୁ କିପରି ବ୍ୟବହାର କରାଯାଇପାରିବ ସେଥିପାଇଁ ଆମକୁ ଏକ୍ସପର୍ଟ ମାନଙ୍କର ସହଯୋଗ ଆବଶ୍ୟକ । କୁକୁର ବନ୍ଧ୍ୟାକରଣ ଓ କୁକୁରଙ୍କୁ ଟିକାଦାନ କରାଯାଉଅଛି । ଆଗକୁ ବର୍ଷାଋତୁ ଆସୁଥିବାରୁ ନାଳ ସଫେଇ ଭଲ ଭାବରେ ସମ୍ପାଦନ କରାଯାଉଅଛି, ଏଥିପାଇଁ ରାଜ୍ୟ ସରକାର ଅର୍ଥ ଅନୁଦାନ ଦେବାପାଇଁ ରାଜି ହୋଇଛନ୍ତି, ଆପଣମାନଙ୍କର ସହଯୋଗ ରହିଲେ ସାରା ଦେଶରେ ଭୁବନେଶ୍ୱର ପ୍ରତିଫଳିତ ହେବ ସେଥିପାଇଁ ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଡ଼େପୁଟି ମେୟର ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମ ବଢି ଚାଲିଅଛି, ବଡ଼ ବଡ଼ ପ୍ରୋଜେକ୍ଟ ମଧ ହାତକୁ ନିଆଯାଇଅଛି । ବର୍ଷାଦିନେ ଜଳବନ୍ଦୀ ନହେବାପାଇଁ ପଦକ୍ଷେପ ନିଆଯାଉଅଛି, ସେଥିପାଇଁ ଆମକୁ ସଜାଗ ରହିବାକୁ ପଡ଼ିବ । ଡ଼େଙ୍ଗୁ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଲୋକମାନଙ୍କୁ ସଚେତନ କରାଇବାକୁ ପଡ଼ିବ । ସବୁ ୱାର୍ଡ଼ରେ ବିଭିନ୍ନ କାର୍ଯ୍ୟ ମଧ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଚାଲିଅଛି, ଆପଣ ମାନଙ୍କର ସହଯୋଗ ରହିଲେ ଭୁବନେଶ୍ୱର ଆଗକୁ ଯାଇପାରିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରାରମ୍ଭରେ ସଭାପତି ୪୨ ତମ ସାଧାରଣ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନମସ୍କାର ଜଣାଇ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମ ବହୁ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଅଛି, ମୌସୁମୀ ଆସିଲାଣି ନିୟମିତ ଭାବେ ବର୍ଷେ ହେବ, ବାଲି ମିଳିବ ନାହିଁ, ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବ, ତେଣୁ ଯେଉଁମାନେ କାର୍ଯ୍ୟ ନେଇଛନ୍ତି ନଗର ଯନ୍ତ୍ରୀ ସେମାନଙ୍କ ସହିତ ଆଲୋଚନା କରନ୍ତୁ ଯେଭଳି ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବନାହିଁ । ଯେଉଁ ରାସ୍ତା ଗୁଡ଼ିକ ଖରାପ ହୋଇଅଛି ସେଗୁଡ଼ିକ ମରାମତି କରାଯିବା ଆବଶ୍ୟକ, ବିଶେଷ କରି ରଥ ଯେଉଁ ରାସ୍ତାରେ ଯିବ ସେହି ରାସ୍ତା ଗୁଡ଼ିକ ମରାମତି କରାଯିବା ସହିତ ସେହି ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛ ଡ଼ାଳ ରଥ ପୂର୍ବରୁ କଟାଯିବା ଆବଶ୍ୟକ । ଆସନ୍ତା କାଲି ଠାରୁ ବନ ଉତ୍ସବ ଆରମ୍ଭ ହେବ, ସେଥିପାଇଁ ବହୁ ପରିମାଣର ବୃକ୍ଷରୋପଣ କରାଯିବ । ଲୋକମାନେ ଜାଣିନାହାଁନ୍ତି କେଉଁ ରାସ୍ତା ଓ ଡ୍ରେନ୍ କେଉଁ ବିଭାଗର, ଲୋକମାନେ ଆମକୁ କହୁଛନ୍ତି, WATCO ଓ TPCODL ଆଉ ରାସ୍ତା ଖୋଳନ୍ତୁ ନାହିଁ, ଯେଉଁ ରାସ୍ତା ଖୋଳିଛନ୍ତି ସେଠାରେ ଲୋକମାନେ ଯିବା ଆସିବା କରିପାରୁନାହାଁନ୍ତି । ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଭଳି ପରିସ୍ଥିତିରେ ରାସ୍ତା ନଖୋଳି ଯେଉଁ ରାସ୍ତା ଗୁଡ଼ିକ ଖୋଳିଛନ୍ତି ସେଗୁଡ଼ିକୁ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ, ବିଶେଷ କରି ଶ୍ରୀକ୍ଷେତ୍ର ବିହାର, ସନ୍ତୋଷୀ ବିହାର, ସୌଭାଗ୍ୟନଗର, ତାଟି ବସ୍ତି ଇତ୍ୟାଦି ତୁରନ୍ତ କାର୍ଯ୍ୟ କରନ୍ତୁ । ସଫେଇ ଠିକାଦାରଙ୍କ ଚୁକ୍ତିପତ୍ର ସମୟ ଶେଷ ହେବାକୁ ଯାଉଥିବାରୁ ସେମାନେ ଅଳିଆ ଠିକ୍ ଭାବରେ ସଫା କରୁନାହାଁନ୍ତି, ଏପରିକି ସହରର ମୁଖ୍ୟ ସ୍ଥାନରେ ମଧ ଅଳିଆ ସଫା କରୁନାହାଁନ୍ତି, ସେମାନେ ଚୁକ୍ତିପତ୍ରର ଶେଷ ଦିନ ପର୍ଯ୍ୟନ୍ତ ଆମ ଫଣ୍ଡରୁ ପଇସା ନେବେ, ତେଣୁ ସେମାନେ ଶେଷ ଦିନ ପର୍ଯ୍ୟନ୍ତ ସଠିକ୍ କାମ କରିବା ଆବଶ୍ୟକ । ମୁଖ୍ୟ ନାଳ ସଫେଇ କାମ ଭଲ ହେଉଅଛି, କିନ୍ତୁ ସହରର ଆଭ୍ୟନ୍ତରୀଣ ଡ୍ରେନ୍ ସଫା କାର୍ଯ୍ୟ ସଫେଇ ଠିକାଦାରମାନେ କରୁନାହାଁନ୍ତି । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବଡ଼ ବଡ଼ ପ୍ରୋଜେକ୍ଟ ହାତକୁ ନିଆଯାଇଥିବାରୁ କମିଶନରଙ୍କୁ ଧନ୍ୟବାଦ ଦେବା । ଗରିବ ଲୋକମାନଙ୍କୁ ତିନି ମାସ ହେବ NSAP ଭତା ଦିଆଯାଉନାହିଁ

ସେମାନେ ଚଳିବେ କିପରି, ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଭତା ଦେବା ଆବଶ୍ୟକ । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ପାର୍କ ଗୁଡ଼ିକରେ ଲାଗିଥିବା ଜିମ୍ ଉପକରଣ ଓ ପିଲାମାନେ ଖେଳିବା ପାଇଁ ଲାଗିଥିବା ଉପକରଣ ଗୁଡ଼ିକ ଖରାପ ହୋଇଗଲାଣି ସେଗୁଡ଼ିକ ସଜଡ଼ା ହେବା ଆବଶ୍ୟକ ହେଉଅଛି । ବର୍ଷାଦିନ ଆସିଲାଣି ରାସ୍ତାଲୋକ ଗୁଡ଼ିକ ସଠିକ୍ ଭାବରେ ଜଳିବା ଆବଶ୍ୟକ, ଯେଉଁ ଲାଇଟ୍ ଗୁଡ଼ିକ ଖରାପ ହେଉଅଛି ସେଗୁଡ଼ିକ ଯଥାଶୀଘ୍ର ମରାମତି କରାଯାଉ । ନିଭ୍ ସଂସ୍ଥା ଠିକ୍ ଭାବରେ ରାସ୍ତାଲୋକ ମରାମତି କରୁନାହିଁ । କେତେକ ସ୍ଥାନରେ ଦିନରେ ରାସ୍ତାରେ ବିଦ୍ୟୁତ୍ ବଲ୍ ଜଳୁଅଛି, ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପଇସା ଦେବାକୁ ପଡୁଅଛି, ତେଣୁ ଉକ୍ତ ଅର୍ଥ ସମ୍ପୃକ୍ତ ଠିକାଦାରଙ୍କ ବିଲ୍‌ରୁ କଟାଯିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଅସିୟା ବେଗମ୍ କହିଥିଲେ ଯେ, ୟୁନିଟ୍-୧ ହାଟରେ ନିଆଁ ଲାଗିଥିଲା ଆଜି ୟୁନିଟ୍-୨ ରେ ନିଆଁ ଲାଗିଲା । ଦୋକାନୀମାନେ ରାସ୍ତା ଉପରକୁ ମାଡ଼ି ଦୋକାନ କରୁଛନ୍ତି ଲୋକମାନେ ଯାତାୟତ ମଧ କରିପାରୁନାହାଁନ୍ତି । ଏକ ନମ୍ବର ହାଟ ଷ୍ଟେଟ୍ ବ୍ୟାଙ୍କ୍ ପାଖ ରାସ୍ତା ମଧ ପଇଡ଼ ବାଲା ରାସ୍ତା ଉପରକୁ ମାଡ଼ି ବ୍ୟବସାୟ କରୁଛନ୍ତି, ଆଉ ଏକ ଜାଗାରେ ଜଣେ ବ୍ୟକ୍ତି ବାଲି ଓ ଗୋଡ଼ି ରଖି ବ୍ୟବସାୟ କରୁଛନ୍ତି । ଏହା ଉପରେ ଆଲୋଚନା କରାଗଲା । ଆଂଚଳିକ ଅଧିକାରୀ, ଦକ୍ଷିଣ-ପୂର୍ବ ଜୋନ୍ ଉକ୍ତ ସ୍ଥାନ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ଆଗକୁ ରଥଯାତ୍ରା ଆସୁଅଛି, ରଥ ଯିବା ଆସିବା ରାସ୍ତାରେ ଗଛଡ଼ାଳ ରାସ୍ତା ଉପରକୁ ମାଡ଼ି ଆସିଅଛି, କେତେକ ସ୍ଥାନରେ ବିଦ୍ୟୁତ୍ ତାର ରାସ୍ତା ଉପରକୁ ଓହଳି ଅଛି, କେତେକ ସ୍ଥାନରେ ରାସ୍ତା ମଧ ଖରାପ ଅଛି, ଏହିସବୁ କାର୍ଯ୍ୟ ଠିକ୍ କରାଯାଉ ବୋଲି ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ରଥ ଯିବା ଆସିବା ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛଡ଼ାଳ ଅଗ୍ରାଧିକାର ଭିତିରେ କଟାଯିବ ଏବଂ ଯେଉଁ ରାସ୍ତାରେ ବିଦ୍ୟୁତ୍ ତାର ରାସ୍ତା ଉପରକୁ ପଡ଼ିଅଛି ତାହାକୁ ସଜାଡ଼ିବା ପାଇଁ TPCODL ଙ୍କୁ ଅନୁରୋଧ କରିବା ଏବଂ ଖରାପ ରାସ୍ତା ଗୁଡ଼ିକୁ ମରମତି କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, ମୋ ୱାର୍ଡ଼ର ଝାଡ଼େଶ୍ୱରୀ ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇଅଛି ଏହାକୁ ମରାମତି କରାଯାଉ । ଏହା ଉପରେ ଆଲୋଚନା କରାଗଲା । ଉକ୍ତ ସ୍ଥାନ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୨ ସ୍ଥାନ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଗିତାଞ୍ଜଳୀ ସାହୁ କହିଥିଲେ ଯେ, ନିଗମରେ ବହୁ ଦିନ ହେବ SMTA ମାନେ କାର୍ଯ୍ୟ କରୁଛନ୍ତି, ତାଙ୍କର ଚଳିତ ବର୍ଷ ୧୦% ବୃଦ୍ଧି କରାଯିବା ଆବଶ୍ୟକ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ କହିଥିଲେ ଯେ, କର୍ମଚାରୀ ନାହାଁନ୍ତି, ଜଣେ ଲେଖାଏଁ ଟିକସ ଅସୁଲକାରୀ ତିନି ଚାରି ଗୋଟି ୱାର୍ଡ଼ ଦାୟିତ୍ୱରେ ରହିଛନ୍ତି, ୱାର୍ଡ଼ ଅଫିସ୍‌ରେ କିଏ ରହିବ ଓ କିପରି ଚାଲିବ ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ଆଲୋଚନା କରାଗଲା । କମ୍ପ୍ୟୁଟର ଜ୍ଞାନ ଥିବା ଗ୍ରାଜୁଏଟ୍ ଶିକ୍ଷାଗତ ଯୋଗ୍ୟତା ଥିବା ଜଣେ ଲେଖାଏଁ ପିଲାଙ୍କୁ ଆଉଟ୍‌ସୋର୍ସିଂ ମାଧମରେ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ଆଣି ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧. ଗତ ତା ୨୬.୦୫.୨୦୨୬ ରିଖ ସାଧାରଣ ବୈଠକ ବିବରଣୀ ଦୃଢୀକରଣ :-

ନିର୍ଦ୍ଧାରଣ-୧. ଗତ ତା ୨୬.୦୫.୨୦୨୬ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୩୦.୦୬.୨୦୨୬ ରିଖ)**

ଶ୍ରୀମତୀ ସୁଚିତ୍ରା ପାତ୍ର, ୱାର୍ଡ ନଂ-୪୮

ପ୍ରଶ୍ନ-୨(୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ସମସ୍ତ Drain desilting କରାଯାଇଥିବା କାମ ସମାପ୍ତ ହୋଇନାହିଁ, କିନ୍ତୁ ଏ ବର୍ଷ ପୁର୍ନବାର ସେହି ସମସ୍ତ ଡ୍ରେନ୍‌କୁ କିପରି ଭାବେ ଟେଣ୍ଡର କରାଗଲା । ପୂର୍ବ ବର୍ଷର ଡ୍ରେନ୍ ସଫା ନ ହୋଇଥିବା କାରଣରୁ ସେ ଅର୍ଥରାଶି କୁଆଡ଼େ ଗଲା । ଯଦି ଉକ୍ତ କଂଟ୍ରାକ୍ଟର ସେ କାମ ସମ୍ପୂର୍ଣ୍ଣ କରିନାହାଁନ୍ତି ଉକ୍ତ କଂଟ୍ରାକ୍ଟରକୁ କାହିଁକି Black

listed କରାଗଲା ନାହିଁ । ଉକ୍ତ କଂଟ୍ରାକ୍ଟର ଉପରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇନାହିଁ କାହିଁକି । ଆର୍ଥିକ ବର୍ଷ (ଆର୍ ଆଣ୍ଡ୍ ବି, ଡ଼ିଭିଜନ୍-୩) ରେ ଉପରୋକ୍ତ ଡ୍ରେନ୍ desilting କାମ କେତେ ଏରିଆ କାମ ହୋଇଛି ବାକି କାମ କାହିଁ ହୋଇନାହିଁ ? କେତେ ଅର୍ଥ ରାଶି କଂଟ୍ରାକ୍ଟର ନେଇଛନ୍ତି କାମ ସମ୍ପୂର୍ଣ୍ଣ ନହୋଇ ପୁନର୍ବାର କିପରି ଏହାକୁ ଟେଣ୍ଡର କରାଗଲା ଏହାର ସ୍ପଷ୍ଟିକରଣ ରଖନ୍ତୁ ?

ଉତ୍ତର-୨(୧). ଆର୍ଥିକ ବର୍ଷ ୨୦୨୫-୨୦୨୬ ରେ ଗ୍ରହଣ କରାଯାଇଥିବା ଡ୍ରେନ୍ desilting କାର୍ଯ୍ୟର ଅଗ୍ରଗତି ଓ ସମ୍ପୂର୍ଣ୍ଣତା ସମ୍ବନ୍ଧୀୟ ବିଷୟ ବିଭାଗ ଦ୍ୱାରା ନୋଟ୍ କରାଯାଇଛି । ସମ୍ପୃକ୍ତ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ, ନିରୀକ୍ଷଣ ଓ ଆବଶ୍ୟକ ଅନୁସନ୍ଧାନ ପରେ ଅନ୍ତିମ ବିଲ୍ ପ୍ରକ୍ରିୟାକରଣ କରାଯିବ ।

ଚଳିତ ଆର୍ଥିକ ବର୍ଷର କାର୍ଯ୍ୟ ଗୁଡ଼ିକ ସରକାରଙ୍କ ପ୍ରଚଳିତ ନିୟମାବଳୀ ଓ ନିର୍ଦ୍ଧାରିତ ଟେଣ୍ଡର ପ୍ରକ୍ରିୟା ଅନୁସାରେ ଗ୍ରହଣ କରାଯାଇଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ, ୨୦୨୪-୨୫ ରେ ମୋ ୱାର୍ଡ଼ରେ କେତେ ଡ୍ରେନ୍ ଡ଼ିସିଲ୍‌ଟିଂଗ୍ ହେଲା, ବହୁ ଡ୍ରେନ୍ ସଫା ହୋଇନାହିଁ, ଠିକାଦାର ବିଲ୍ ପାଇଲା କିପରି, ଆମେ ଜାଣୁନାହୁଁ । ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ସାତ ନମ୍ବର ଡ୍ରେନ୍ ସଫା ନହେବାରୁ ମୁହଁ ବନ୍ଦ ହୋଇ ପାଣି ଯାଉନାହିଁ । ଆଲୋଚନାରେ ଭାଗନେଇ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ମୁଁ ପ୍ରଥମରୁ କହୁଅଛି ମାନନୀୟା ମେୟରଙ୍କ ପାଖକୁ ସବୁ ଫାଇଲ୍ ଯାଉ ଯାହାଫଳରେ ସେ କର୍ପୋରେଟରଙ୍କ ସହିତ ଆଲୋଚନା କରି ବିଲ୍ ପଇଠ କରିବା ପାଇଁ ପଦକ୍ଷେପ ନେବେ, ନହେଲେ ଆମ୍ଭେମାନେ କିଛି ଜାଣି ପାରୁନାହୁଁ । ତାଙ୍କୁ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଶ୍ରୀ ନୃପେଶ କୁମାର ନାୟକ, ଶ୍ରୀ ଶିବ ପ୍ରସାଦ ବେହେରା ଓ ଶ୍ରୀ ଅଜିତ୍ ବେହେରା ଆଦି ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ସମସ୍ତ ବିଲ୍ ମାନନୀୟା ମେୟରଙ୍କ ପାଖକୁ ଅନୁମୋଦନ ପାଇଁ ଯିବ । ମେୟରଙ୍କ ବିନା ଅନୁମୋଦନରେ କୌଣସି ବିଲ୍ ବିତ ଅଧିକାରୀ ପଇଠ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୨). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ବିଡ୍ ନଂ-୮୮/୨୦୨୫-୨୬ ରେ ହୋଇଥିବା ଟେଣ୍ଡରରେ ସମସ୍ତ ଟେଣ୍ଡରକୁ କିପରି ଭାବରେ ଏବଂ କାହିଁକି ୨୨ ଏପ୍ରିଲ୍-୨୦୨୬ ରେ revocation କରାଗଲା ଏବଂ ପରବର୍ତୀ ସମୟରେ ତା ୨୩.୦୪.୨୦୨୬ ରିଖରେ ପୁନର୍ବାର ବିଡ୍ ଖୋଲାଗଲା । revocation ପୂର୍ବରୁ ଯେଉଁ ଏଜେନ୍ସି (Omm Sai Associates) କୁ ରିଜେକ୍ଟ କରାଯାଇଥିଲା ତାକୁ କିପରି ପୁନର୍ବାର ଏବଂ କେଉଁ ଆଧାରରେ ତା ୨୩.୦୪.୨୦୨୬ ରିଖରେ accept କରାଗଲା ଏବଂ ମାଗିଥିବା work experience ରେ (drain or sewer cleaning) ମଗାଯାଇଥିଲା । ଟେଣ୍ଡର ସେଲ୍ କିନ୍ତୁ (Construction of sedimentation tank) କୁ accept କରି ଉକ୍ତ ଏଜେନ୍ସିକୁ କେଉଁ ଆଧାରରେ ଯୋଗ୍ୟ କରାଇଲା । Tender revocation କେଉଁ ଅଫିସର/ ମେୟର/ କମିଶନରଙ୍କ ଅନୁମୋଦନ କ୍ରମେ କରାଗଲା ତାହାର ସ୍ପଷ୍ଟିକରଣ ରଖନ୍ତୁ । ତତ୍‌ସହିତ ଟେଣ୍ଡର ସେଲ୍ ଟେଣ୍ଡର ହେବାଠାରୁ କେତେ ଦିନ ମଧ୍ୟରେ financial evaluation କରିବେ ଏହାର ଏକ ଧାର୍ଯ୍ୟ ତାରିଖ ପ୍ରଦାନ କରନ୍ତୁ ।

ଉତ୍ତର-୨(୨). ବିଡ୍ ନଂ-୮୮/୨୦୨୫-୨୬ ରେ ହୋଇଥିବା ସମସ୍ତ ଟେଣ୍ଡରରେ ଭାଗ ନେଇଥିବା ଏକ ଏଜେନ୍ସି "M/s. Omm Sai Associates" କୁ ପ୍ରଥମେ ଉକ୍ତ ଏଜେନ୍ସି ଦେଉଥିବା work experiences (Construction of sedimentation tank) ଆଧାରରେ ବୈଷୟିକ ମୂଲ୍ୟାଙ୍କନ କମିଟିର ସୁପାରିଶ ଅନୁଯାୟୀ Disqualify କରାଯାଇଥିଲା । ପରବର୍ତୀ ପର୍ଯ୍ୟାୟରେ ଉଲ୍ଲିଖିତ work ର ମନ୍ତବ୍ୟ (Remarks) column ରେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟଟି "Cleaning and Desilting" ର ଦର୍ଶାଇଥିବା ଲକ୍ଷ କରାଗଲା, ତେଣୁ ତା ୨୧.୦୪.୨୦୨୬ ରିଖରେ ନଗର ଯନ୍ତ୍ରୀଙ୍କ ଅଧକ୍ଷତାରେ ହୋଇଥିବା ବୈଷୟିକ ମୂଲ୍ୟାଙ୍କନ କମିଟିର ସୁପାରିଶ ଅନୁଯାୟୀ ସମସ୍ତ ଟେଣ୍ଡର ଗୁଡ଼ିକୁ revoke କରାଯାଇଥିଲା ଏବଂ "M/s. Omm Sai Associates" କୁ Technically qualify କରାଯାଇଥିଲା । ସଦସ୍ୟ ଅବଗତି ନିମନ୍ତେ ଏହା ସୂଚିତ କରାଯାଉଅଛି ଯେ, ଏହି ବିଡ୍ ଅନ୍ତର୍ଗତ କୌଣସି ବି ଗୋଟିଏ କାର୍ଯ୍ୟରେ "M/s. Omm Sai Associates" ସର୍ବନିମ୍ନ (L-1 Bidder) ଭାବେ ଯୋଗ୍ୟ ବିବେଚିତ ହୋଇନାହାଁନ୍ତି । ଟେଣ୍ଡର ହେବାଠାରୁ ୩୦-୬୦ ଦିନ ମଧ୍ୟରେ Financial Evaluation କରାଯାଉଅଛି ।

<u>ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ, ୱାର୍ଡ ନଂ-୪୯</u>

ପ୍ରଶ୍ନ-୨(୩). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଗତ ତା ୨୫.୦୨.୨୦୨୬ ରିଖ ସାଧାରଣ ବୈଠକରେ ପଚରାଯାଇଥିବା ପ୍ରଶ୍ନ ସଂଖ୍ୟା-୨(୬) ମଉଜା ଆଇଗିଣିଆ ପ୍ଲଟ୍ ନଂ-୩୬୦ ଓ ୩୬୧ କୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥ ରାସ୍ତାକୁ ସରଜମିନ ତଦନ୍ତ ରିପୋର୍ଟ ଅନୁସାରେ ଉକ୍ତ ପ୍ଲଟ୍ କୁ ଲାଗି ୨୦ ଫୁଟ ପ୍ରସ୍ଥ ବିଶିଷ୍ଟ ଢଳାଇ ରାସ୍ତା ରହିଥିବା ସ୍ଥଳେ ଆବେଦନକାରୀ ଦାଖଲ କରିଥିବା ପ୍ଲାନ୍‌ରେ ନିଜ ଜାଗାରୁ ୧୦ ଫୁଟ ପ୍ରସ୍ତର ଜାଗା ବି.ଏମ୍.ସି କୁ ଗିଫ୍ଟ କରାଯିବା ପରେ ରାସ୍ତାର ଓସାର ୩୦ ଫୁଟ ରହିଅଛି । ଉକ୍ତ ୩୦ ଫୁଟର ରାସ୍ତା ଆଇଗିଣିଆ ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରୁଅଛି । ପୂର୍ବ ତଦନ୍ତ ରିପୋର୍ଟକୁ ଅନୁଧାନ କରି କିଭଳି ନକ୍ସା ଅନୁମୋଦନ କରାଯାଇଅଛି । ଉକ୍ତ ମୁଖ୍ୟ ଗ୍ରାମ୍ୟ ରାସ୍ତାଟି ଯାହାକି ପ୍ଲଟ୍ ନଂ-୩୬୦ ଓ ୩୬୧ କୁ ଏବଂ ରାଜପଥକୁ ସଂଯୋଗ କରୁଅଛି, ସେହି ରାସ୍ତାଟିର ପ୍ରସ୍ଥ ବିଭିନ୍ନ ସ୍ଥାନରେ ଭିନ୍ନ ଅଛି ।

୧)ଏହି ଉତରରେ ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍ ଅଛି । ୩୬୦ ଓ ୩୬୧ ପ୍ଲଟ୍‌କୁ ଆଇଗିଣିଆ ଗ୍ରାମ୍ୟ ରାସ୍ତାଟି ଯଥା:- ପ୍ଲଟ୍ ନଂ-୪୦୧ ଠାରୁ ୪୫୯ ପର୍ଯ୍ୟନ୍ତ ପ୍ରାୟ ଜାଗାରେ ୨୦ ଫୁଟରୁ କମ୍ ରାସ୍ତା ଅଛି । କେଉଁ ପରିସ୍ଥିତିରେ ଏହି ନକ୍ସାଟି ଅନୁମୋଦନ କରାଯାଇଥିଲା । ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଅଛି କି ଗ୍ରାମବାସୀଙ୍କର ସ୍ୱାର୍ଥରେ ଉକ୍ତ ପ୍ଲଟ୍‌କୁ ସଂଯୋଗ କରୁଥିବା ରାସ୍ତାଟିର ପୁନଃବାର ସରଜମିନ ତଦନ୍ତ କରାଯାଉ ଏବଂ କେଉଁ କେଉଁ ପ୍ଲଟ୍ ପାଖରେ ରାସ୍ତା ୨୦ ଫୁଟରୁ କମ୍ ଅଛି ତା'ର ସବିଶେଷ ବିବରଣୀ ଏହା ଗୃହରେ ରଖିବା ପାଇଁ ଅନୁରୋଧ ।

ଉତ୍ତର-୨(୩). ମଉଜା ଆଇଗିଣିଆ ପ୍ଲଟ୍ ନଂ-୩୬୦ ଓ ୩୬୧ କୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥ ରାସ୍ତାକୁ ସରଜମିନ ତଦନ୍ତ ରିପୋର୍ଟ ଅନୁସାରେ ଉକ୍ତ ପ୍ଲଟ୍ କୁ ଲାଗି ୨୦ ଫୁଟ ପ୍ରସ୍ଥ ବିଶିଷ୍ଟ ଢଳେଇ ରାସ୍ତା ରହିଥିବା ସ୍ଥଳେ, ଆବେଦନକାରୀ ଦାଖଲ କରିଥିବା ପ୍ଲାନ୍‌ରେ ନିଜ ଜାଗାରୁ ୧୦ ଫୁଟ ପ୍ରସ୍ତର ଜାଗା ବି.ଏମ୍.ସି କୁ ଗିଫ୍ଟ କରାଯିବା ପରେ ରାସ୍ତାର ଓସାର ୩୦ ଫୁଟ ରହିଅଛି । ଉକ୍ତ ୩୦ ଫୁଟ ରାସ୍ତା ଆଇଗିଣିଆ ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରୁଅଛି । ଉକ୍ତ ମୁଖ୍ୟ ଗ୍ରାମ୍ୟ ରାସ୍ତାଟି ପ୍ଲଟ୍ ନଂ-୪୦୧ ଠାରୁ ୪୫୯ ପର୍ଯ୍ୟନ୍ତ ମଧ ଦେଇ ଅତିକ୍ରମ କରିଅଛି । ପୂର୍ବ ତଦନ୍ତ ରିପୋର୍ଟକୁ ଭିତି କରି ଗୃହ ନକ୍ସା ଅନୁମୋଦନ କରାଯାଇଅଛି ସରଜମିନ ତଦନ୍ତରୁ ଜଣାଗଲା ଯେ, ପ୍ଲଟ୍ ନଂ-୪୦୧ ଠାରେ ରାସ୍ତାର ଓସାର Revenue map ଅନୁସାରେ ୧୩ ଫୁଟ କିନ୍ତୁ ପ୍ରତ୍ୟକ୍ଷରେ ୧୪ ଫୁଟ ରହିଅଛି । ଏତଦ୍ ଭିନ୍ନ ଅନ୍ୟ ପ୍ଲଟ୍‌ମାନଙ୍କ ଠାରେ ପ୍ରତ୍ୟକ୍ଷ ଭାବେ ରାସ୍ତାର ଓସାର ୨୦ ଫୁଟରୁ ଉର୍ଦ୍ଧ୍ୱ ରହିଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ସେଠାରେ ୩୦ ଫୁଟ ଓସାର ରାସ୍ତା ନାହିଁ କିପରି ପ୍ଲାନ୍ ଅନୁମୋଦନ କରାଗଲା ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ଆଲୋଚନା କରାଗଲା । ପୁନଃବାର ଉକ୍ତ ନଥି ଯାଂଚ୍ କରାଯିବ ଏବଂ ଯେଉଁ ଅଧିକାରୀ ପ୍ଲାନ୍ ଅନୁମୋଦନ କରିବେ ତାଙ୍କର ନାମ ଲେଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ଯେକୌଣସି ବହୁତଳ ପ୍ରାସାଦ ୱାର୍ଡ଼ରେ ନିର୍ମାଣ ହେଲେ ପ୍ଲାନ୍ ଅନୁମୋଦନ ସମୟରେ କର୍ପୋରେଟରଙ୍କ ମତାମତ ନିଆଯାଉ ଓ Final NOC ସମୟରେ ସମ୍ପୃକ୍ତ ୱାର୍ଡ଼ର କନିଷ୍ଠ ଯନ୍ତ୍ରୀ, ୱାର୍ଡ଼ ଅଫିସର ଓ କର୍ପୋରେଟରଙ୍କ ଦସ୍ତଖତ ନେବାପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫</u>

ପ୍ରଶ୍ନ-୨(୪). ଗତ କର୍ପୋରେସନ ବୈଠକରେ ମୋର ପ୍ରସ୍ତାବ ନଂ-୨ ରେ Regular repair & maintenance of roads in Ward No.-29,30,31,34 & 35 କାମଟିକୁ ଶ୍ରୀ ପ୍ରଦୀପ୍ତ କୁମାର ସେଠୀ ନାମକ କଂଟ୍ରାକ୍ଟର 19.08.2025, File No.-369/24, value-Rs.63,78,907/- ଟଙ୍କାରେ ଚୁକ୍ତିବଦ୍ଧ ହୋଇଥିଲେ । ଦୀର୍ଘ ବର୍ଷ ବିତିଗଲା ପରେ ମଧ ସେ ଚୁକ୍ତି ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିନଥିଲେ ଯାହା ଫଳରେ repair ଓ maintenance ଅଭାବରୁ ୱାର୍ଡ଼ର ରାସ୍ତାଘାଟ ଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହୋଇଯାଇଛି । ଏ ବାବଦରେ କର୍ପୋରେସନ ବୈଠକରେ ମାନନୀୟା ମେୟର ମହୋଦୟା ଉକ୍ତ ଟେଣ୍ଡରକୁ re-sciened କରି APS, EMD Forefeit କରି ଉକ୍ତ ସଂସ୍ଥାଙ୍କୁ Black-listed କରିବା ପାଇଁ ନିଷ୍ପତି ଶୁଣାଇଥିଲେ, ତତ୍ ସହିତ

ସମ୍ପୃକ୍ତ ୱାର୍ଡ଼ ମାନଙ୍କରେ ତୁରନ୍ତ repair- maintenance କାମ କରିବା ପାଇଁ A.E ମାନଙ୍କୁ ଏଷ୍ଟିମେଟ୍ କରି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ବାବଦରେ କ'ଣ କ'ଣ ପଦକ୍ଷେପ ନିଆଯାଇଛି ତାହାର ସବିଶେଷ ବିବରଣୀ ଗୃହକୁ ଜଣାଇବେ କି ?

ଉତ୍ତର-୨(୪). କାରଣ ଦର୍ଶାଅ ନୋଟିସ୍ ଉକ୍ତ ଠିକାଦାର ଶ୍ରୀ ପ୍ରଦୀପ୍ତ କୁମାର ସେଠୀଙ୍କୁ ପତ୍ରସଂଖ୍ୟା-୪୪୬୭ ତା ୧୦.୦୬.୨୦୨୬ ରିଖ ଓ ୪୭୫୬ ତା ୨୫.୦୬.୨୦୨୬ ରିଖ ମାଧମରେ ଅବଗତ କରାଯାଇଥିଲା, କିନ୍ତୁ ଉକ୍ତ ପତ୍ରର କୌଣସି ଉତର ଠିକାଦାରଙ୍କ ତରଫରୁ ହସ୍ତଗତ ହୋଇନାହିଁ । ଏଥିରୁ ପରିଲକ୍ଷିତ ହେଲା ଯେ, ଏ ବାବଦରେ ଠିକାଦାରଙ୍କ ପାଖରେ କୌଣସି ଉତର ନାହିଁ । ଏହାକୁ ଅନୁଧାନ କରାଯାଇ ଉକ୍ତ କାର୍ଯ୍ୟକୁ re-sciened କରିବା ସହିତ OPWD Code ଅନୁଯାୟୀ ପଦକ୍ଷେପ ନିଆଯାଇଅଛି ।

ପ୍ରଶ୍ନ-୨(୫). ଗତ କର୍ପୋରେସନ ବୈଠକରେ ମୁଁ PMU Cell ର ଆବଶ୍ୟକତା ଓ ଖର୍ଚ୍ଚ ବାବଦରେ ପ୍ରଶ୍ନ କରିଥିଲି । ସଂକ୍ଷିପ୍ତରେ ଉକ୍ତ ପ୍ରଶ୍ନର ଅର୍ଥ ଥିଲା ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ Engineering Division, Sub-division, section also Bhubaneswar Planning ର ସମସ୍ତ ଦାୟିତ୍ୱ ନିଭାଇବା ପାଇଁ City Planner ବିଭାଗ ରହିଛି, ଏଣୁ ତାଙ୍କର ସେହି କାମ କରିବା ପାଇଁ ଆଉ ଗୋଟିଏ ସଂସ୍ଥା କାହିଁକି ଆଉଟ୍‌ସୋର୍ସି କରାଯାଇଥିଲା ? ଏଥିରେ ଉତର ମିଳିଥିଲା ଏଇଆ କି ବି.ଏମ୍.ସି ରେ ରାସ୍ତା ଘାଟ, କୋଠା ବାଡ଼ି, ଡ୍ରେନ୍ ଏବଂ କଲଭର୍ଟସ ବ୍ୟତୀତ ଅନେକ ଗୁଡ଼ିକ ଅଭିନବ (innovative) ଯୋଜନାମାନ କରାଯାଇଥାଏ । ସେହି ସକାଶେ ଉକ୍ତ ସଂସ୍ଥାକୁ ଆଉଟ୍‌ସୋର୍ସି ଦ୍ୱାରା ରଖାଯାଇଅଛି । ଏଠାରେ ମୋର ପ୍ରଶ୍ନ ଏହିକି ଯେ, --

(କ) PMU Cell କେବେ ବି.ଏମ୍.ସି ରେ ନିଯୁକ୍ତି ପାଇଥିଲା, ତାରିଖ ଓ ବର୍ଷ ?

(ଖ) ନିଯୁକ୍ତି ପାଇବା ଠାରୁ ଆଜି ପର୍ଯ୍ୟନ୍ତ ବି.ଏମ୍.ସି ରାଜକୋଷରୁ PMU Cell ପାଇଁ କେତେ ଖର୍ଚ୍ଚ କରାଯାଇଛି (Salary & etc.)

(ଗ) ଯେବେଠାରୁ ନିଯୁକ୍ତି ପାଇଲାଣି ସେବେଠାରୁ ଆଜି ପର୍ଯ୍ୟନ୍ତ PMU Cell BBSR. Municipality ଅଂଚଳରେ କେତେ ଗୋଟି ଆପଣଙ୍କ କହିବା ଅନୁଯାୟୀ innovative Projects ର DPR ତିଆରି କରିଛନ୍ତି ? ତା'ର ସବିଶେଷ ବିବରଣୀ-ଯଥା:- Name of Project, Place, Project Cost & Current Status of Projects ର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରାଯାଉ ।

ଉତ୍ତର-୨(୫). (କ) PMU Cell ବି.ଏମ୍.ସି ରେ ଟେଣ୍ଡର ପ୍ରୋସେସ୍ ମାଧମରେ ତା ୦୧.୦୮.୨୦୨୩ ରିଖ ଠାରୁ ଆରମ୍ଭ ହୋଇଥିଲା ।

(ଖ) ନିଯୁକ୍ତି ପାଇବା ପର ଠାରୁ ଜାନୁୟାରୀ-୨୬ ପର୍ଯ୍ୟନ୍ତ ବି.ଏମ୍.ସି ରାଜକୋଷରୁ PMU Cell ପାଇଁ ଟ୫,୫୨,୯୨,୭୧୨/-(ପାଂଚ କୋଟି ବାଉନ ଲକ୍ଷ ବୟାନବେ ହଜାର ସାତ ଶହ ବାର ଟଙ୍କା) ଖର୍ଚ୍ଚ ହୋଇଅଛି ।

(ଗ) ଏହାର ଉତର ସଂଲଗ୍ନ-"ଗ" ରେ ପ୍ରଦାନ କରାଗଲା ।

<u>ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ୱାର୍ଡ଼ ନଂ-୩୪</u>

ପ୍ରଶ୍ନ-୨(୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ସହିଦନଗର ଶାନ୍ତିପଲ୍ଲୀ କେଶରୀ ରେସିଡ଼େନ୍ସ ଥିବା ମୋଟ ୫୪୦ ଟି ଘର ନିର୍ମାଣ କରାଯାଇଅଛି । ପ୍ରଥମେ ବସ୍ତି ଘର ଭଙ୍ଗାଯାଇ ୪୯୬ ଟି ଘର ଦେବାପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା, କିନ୍ତୁ ପ୍ରଥମେ ୪୩୦ ଟି ଘର ଦିଆଯାଇଥିଲା ।

(କ) କେଶରୀ ରେସିଡ଼େନ୍ସରେ ବାକି ଘର ଗୁଡ଼ିକ ଟ୍ରାଞ୍ଜିଟ୍ ହାଉସ୍ କରିବା ପାଇଁ ନିଷ୍ପତି ନିଆଯାଇଅଛି କି ?

(ଖ) ଯଦି ହଁ, ତେବେ ଶାନ୍ତିପଲ୍ଲୀରେ ୭୨ ଘର ଭଙ୍ଗାଯାଇ ସେମାନଙ୍କୁ କ'ଣ ପାଇଁ ଘର ଦିଆଗଲା ନାହିଁ ?

(ଗ) ବିବାହିତ ପୁଅ ମାନଙ୍କୁ ଘର ଦେବାପାଇଁ ସରକାରଙ୍କ ନିଷ୍ପତି ବାବଦରେ ଗୃହକୁ ଜଣାଇବେ କି ?
(ଘ) ବସ୍ତିର ଗରିବ ଲୋକମାନେ ଅଧା ଟଙ୍କା ଡ଼ିପୋଜିଟ୍ କରିଛନ୍ତି, କିନ୍ତୁ ଘର ପାଇଁ ତାଙ୍କର ଭବିଷ୍ୟତ କ'ଣ ତାହା ଗୃହକୁ ଜଣାଇବେ କି ?

ଉତ୍ତର-୨(୬). (କ) କେଶରୀ ରେସିଡ଼େନ୍ସି ଗୃହ ପ୍ରକଳ୍ପଟି ବି.ଡ଼ି.ଏ ଦାୟିତ୍ୱରେ ଅଛି । ଏହାର ତଦାରଖ ଏବଂ ଟ୍ରାଞ୍ଜିଟ୍ ସମ୍ପର୍କିତ ତଥ୍ୟ ବି.ଡ଼ି.ଏ କାର୍ଯ୍ୟାଳୟରେ ଉପଲବ୍ଧ ହୋଇପାରିବ ।
(ଖ) ଅବଶିଷ୍ଟ ଗୃହ ନିର୍ମାଣ କରାଯିବା ନିମନ୍ତେ ସ୍ଥାନ ଖାଲି କରାଯିବା ପାଇଁ ୯୭ ପରିବାରଙ୍କ ଘର ନିକଟ ଅତୀତରେ ଉଚ୍ଛେଦ କରାଯାଇଅଛି । ସେମାନଙ୍କୁ ଟ୍ରାଞ୍ଜିଟ୍ ପ୍ରଦାନ କରାଯାଇଅଛି । ସ୍ଥାୟୀ ଥଇଥାନ ନିମନ୍ତେ ଗୃହ ଗୁଡ଼ିକ ନିର୍ମାଣ ହେବାପରେ ସେଠାରେ ସେମାନଙ୍କ ଯୋଗ୍ୟତା ଭିତିରେ ଗୃହ ପ୍ରଦାନ କରାଯିବ ।
(ଗ) ବିବାହିତ ପୁଅ ମାନଙ୍କୁ ଘର ଦିଆଯିବା କିମ୍ବା ନଦିଆଯିବାର ସରକାରଙ୍କର ନିର୍ଦ୍ଧାରିତ ନିଷ୍ପତି ନାହିଁ, ଏହା ପରିବାରର ସଦସ୍ୟଙ୍କର ଯୋଗ୍ୟତାକୁ ବିଚାର କରି ଘର ଦେବା ନିଷ୍ପତି ଗ୍ରହଣ କରାଯାଇଥାଏ ।
(ଘ) ଯେଉଁ ହିତାଧିକାରୀ ଯୋଗ୍ୟଥିବେ ଏବଂ ସେ ଡ଼ିପୋଜିଟ୍ ଲେଟର୍ ଦିଆଯାଇଥିବ ସେହିମାନେ କେବଳ ଟଙ୍କା ପଇଠ କରିପାରିବେ, ଯେଉଁମାନେ ଅଧା ଟଙ୍କା ଦେଇଛନ୍ତି ସେମାନେ ସମ୍ପୂର୍ଣ୍ଣ ଟଙ୍କା ଦେଲାପରେ ଲଟେରୀ ଉଠାଣ ମାଧମରେ ଘର ପାଇବେ ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ ନଂ-୪୪</u>

ପ୍ରଶ୍ନ-୨(୭). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଗୋପାଳୁଣୀ ପୋଖରୀର ଟେଣ୍ଡର କାର୍ଯ୍ୟମେଳୀ ଭୁଲ୍ ହୋଇଥିବାରୁ ଓ ଆପଣଙ୍କ ପରିଦର୍ଶନ ସମୟରେ ଆପଣ ଓ E.E ତାରସ୍ ମାରାଣ୍ଡି ମହୋଦୟଙ୍କ ଉପସ୍ଥିତିରେ ନିର୍ଦ୍ଦେଶ ବାତିଲ୍ ପାଇଁ ଦିଆଯାଇଥିଲା । ଏହି ନିର୍ଦ୍ଦେଶ ମଧ Pre-corporation ବୈଠକରେ ନିଷ୍ପତି ହୋଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ କେଉଁ କାରଣ କାହା ପାଇଁ କେଉଁ ଉଦ୍ଦେଶ୍ୟରେ ବାତିଲ୍ ହୋଇପାରୁନାହିଁ ଏବଂ ଏହାର କି କି ପଦକ୍ଷେପ ନିଆଯିବ ତାହା ସାର୍ବଜନୀନ କରାନ୍ତୁ ।

ଉତ୍ତର-୨(୭). ତଥ୍ୟ ସଂଗ୍ରହ କରାଯାଇ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରାଯିବ ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୨୩.୦୬.୨୦୨୬ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୨୩.୦୬.୨୦୨୬ ରିଖ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୨୩.୦୬.୨୦୨୬ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୨୩.୦୬.୨୦୨୬ ରିଖ ପ୍ଲାନିଂ ଆଣ୍ଡ୍ ଡ଼େଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୨୩.୦୬.୨୦୨୬ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୨୩.୦୬.୨୦୨୬ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୫.୦୬.୨୦୨୬ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୨୩.୦୬.୨୦୨୬ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୨୩.୦୬.୨୦୨୬ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦).ଗତ ତା ୨୩.୦୬.୨୦୨୬ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ପ୍ରସ୍ତାବ-୫.** **ଭୁବନେଶ୍ୱର ମହାନଗର ନିଗମର ମଇ-୨୦୨୬ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ:-**

**ନିର୍ଦ୍ଧାରଣ-୫.** ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

**ପ୍ରସ୍ତାବ-୬.** **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୩୦.୦୬.୨୦୨୬ ରିଖ)**

<u>ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ, ୱାର୍ଡ ନଂ-୪୯</u>

ପ୍ରସ୍ତାବ-୬(୧). ଆଇଗିଣିଆ ଶ୍ମଶାନ ଠାରେ ଗେଲ୍ ଦ୍ୱାରା ଗ୍ୟାସ୍‌ଚୁଲା ଶ୍ମଶାନ ନୂତନ ଭାବେ ତିଆରି ହୋଇଥିଲା, କିନ୍ତୁ କୌଣସି ପ୍ରକାର ପୂର୍ବ ନିର୍ଦ୍ଧାରିତ ଆନୁସଙ୍ଗିକ ଉନ୍ନତିମୂଳକ କାମ ହୋଇପାରୁନାହିଁ । ବହୁଦିନ ହେଲା ଅଣଦେଖା ହୋଇ ପଡ଼ିଅଛି ଏବଂ ଏହାର ପୂର୍ବ ଦିଗରେ ବେନିୟମ ଭାବରେ ସ୍ଥାନୀୟ ଲୋକଙ୍କର ଜବରଦଖଲକୁ ଉଚ୍ଛେଦ କରି ପାଚେରୀ ନିର୍ମାଣ କରାଯାଉ ।

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ବର୍ଣ୍ଣିତ ଜାଗା ଉପରେ ଅଦାଲତରେ ମାମଲା ଥିବାରୁ ପରବର୍ତ୍ତୀ ସମୟରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫</u>

ପ୍ରସ୍ତାବ-୬(୨). ଆଜିକାଲି ଭୁବନେଶ୍ୱର ର ମୁଖ୍ୟ ଟ୍ରାଫିକ୍ ପୋଷ୍ଟରେ ବି.ଏମ୍.ସି ତରଫରୁ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା design shed ନିର୍ମାଣରେ ଖର୍ଚ୍ଚ କରାଯାଉଅଛି, ଖାସ୍ କରି ଖରାଦାଉରୁ ଲୋକଙ୍କୁ ରକ୍ଷା କରାଯିବା ପାଇଁ । ଏହିଠାରେ ପ୍ରଶ୍ନ ଉଠେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ତଥା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର "ଏକ୍ ପେଡ଼୍ ମା କି ନାମ୍" ଯୋଜନା ଅନୁଯାୟୀ ବି.ଏମ୍.ସି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହ ମିଶି ପ୍ରତ୍ୟେକ ବର୍ଷ ଲକ୍ଷାଧିକ ବୃକ୍ଷରୋପଣ କରୁଅଛି । ସେହି ବୃକ୍ଷରୋପଣରୁ ଅଳ୍ପ କିଛି ବୃକ୍ଷ ଖାସ୍ କରି ବରଗଛ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ଲଗାଗଲେ ଜନତା ଅନେକ ଦିଗରୁ ଯେମିତିକି ଛାୟା ବିଶୁଦ୍ଧ ଅମ୍ଳଜାନ ପଶୁପକ୍ଷୀମାନଙ୍କ ପାଇଁ ଆହାର ଏବଂ ପରିବେଶ ସୁରକ୍ଷା ଭଳି ଲାଭ ପାଇପାରନ୍ତେ । ଆଜିକାଲି ବଡ଼ ବରଗଛ ମଧ (୨୦ ରୁ ୩୦ ଫୁଟ ପର୍ଯ୍ୟନ୍ତ) ଏବଂ hybrid quality ର ବରଗଛ ଓ ଅନ୍ୟାନ୍ୟ ଗଛ ସୁବିଧାରେ ମିଳିଯାଉଛି । ତାହାଛଡ଼ା ଅନେକ ସମୟରେ ରାସ୍ତା, ବନ୍ଧ, ବାଡ଼ ଇତ୍ୟାଦି ସମ୍ପ୍ରସାରଣ ସମୟରେ ଅନେକ ବିଶାଳ ବୃକ୍ଷ OFDC ଦ୍ୱାରା ନିର୍ମମ ଭାବେ ମୂଳରୁ electric କରତ ଦ୍ୱାରା କାଟି ନିଆଯାଉଛି । ଏହି ଗଛ ଗୁଡ଼ିକୁ live replacement method ମାଧ୍ୟମରେ ଅର୍ଥାତ୍

ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଜୀବନ୍ତ ଅବସ୍ଥାରେ ଚେର ସହ ଉଠାଯାଇ ପୁନଃରୋପଣ କରାଗଲେ ବହୁ ପୁରାତନ ଓ ବିଶାଳ ଗଛ ନଷ୍ଟ ନହୋଇ ଶହ ଶହ ବର୍ଷ ଧରି ପୁନର୍ବାର ପୃଥିବୀର ବାୟୁମଣ୍ଡଳ ସୁରକ୍ଷାରେ ଲାଗିପାରନ୍ତା । ଏଥିପାଇଁ ଅତ୍ୟାଧୁନିକ live plant removal/ replacement equipment ବଜାରରେ ବିକ୍ରି ହେଉଛି । ଏଣୁ ମୋର ପ୍ରସ୍ତାବ ଏହିକି ଯେ, ଆମର ବର୍ତ୍ତମାନ vast plantation କୁ ସୁଗ୍ଧୁରୂପେ ପରିଚ୍ଳନା କରିବା ପାଇଁ ଜଣେ Deputy Commissioner with Horticulturist ଏବଂ ତାଲିମପ୍ରାପ୍ତ ସୁପର୍‌ଭାଇଜର୍‌ମାନେ ରହିଛନ୍ତି । ଏଥିରେ ଉପରୋକ୍ତ କାର୍ଯ୍ୟର ସୁପରିଚ୍ଳନା ନିମନ୍ତେ ଏକ plant nursery ସହିତ live plant replacement wing ଖୋଲାଗଲେ ସାରା ଭାରତବର୍ଷ ପାଇଁ ଏକ ଉଦାହରଣ ହୋଇପାରନ୍ତା । ଏଥିପାଇଁ ତତ୍‌କ୍ଷଣାତ୍ ଆରମ୍ଭ କରିବା ପାଇଁ ଚ୍ହିଁଲେ ସ୍ୱଳ୍ପ ମୂଲ୍ୟରେ ତଥା ଏକ Social responsibility ଭାବରେ କୌଣସି ଏକ ଆଗ୍ରହୀ ସଂସ୍ଥାକୁ ଆଉଟ୍‌ସୋର୍ସିଂ କଲେ ବି.ଏମ୍.ସି ର ନିଜସ୍ୱ required man & machinery ଆସିବା ଯାଏଁ କାର୍ଯ୍ୟ ଚ୍ଳିପାରନ୍ତା । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୨). ପ୍ରସ୍ତାବ ବର୍ଣ୍ଣିତ ମତେ ଯେଉଁ ସ୍ଥାନରେ ସୁବିଧା ହେବ ସେଠାରେ ବରଗଛ ଲାଗିବ ଏବଂ plant nursery ଓ live plant replacement ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୩). (କ) ଭୁବନେଶ୍ୱର ମହାନଗର ନିଗମ ନିର୍ବାଚିତ ପ୍ରତିନିଧି ମାନଙ୍କର କାର୍ଯ୍ୟକାଳ ସମାପ୍ତ ପରେ ସେମାନେ ଯେହେତୁ ଜନସାଧାରଣଙ୍କର ସେବାରେ ଅବିଶ୍ରାନ୍ତବ୍ରତୀ ରହୁଛନ୍ତି, ସେଥିପାଇଁ ସେମାନଙ୍କୁ ମାସିକ ଭତା ଓ ପରିବାର ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉ । ଏପରିକି ବର୍ତ୍ତମାନ ମେୟର, ଡ଼େପୁଟି ମେୟର ଓ କର୍ପୋରେଟରଙ୍କ ପରିବାରକୁ ମଧ ୨୦ ଲକ୍ଷର ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉ ।

(ଖ) ପ୍ରତ୍ୟେକ ପୂର୍ବତନ ନିର୍ବାଚିତ ପ୍ରତିନିଧି (କାଉନସିଲର ଏବଂ କର୍ପୋରେଟର) ମାନଙ୍କୁ ଭୁବନେଶ୍ୱର ମହାନଗର ନିଗମରେ ଓ ସରକାରୀ ଦପ୍ତର ମାନଙ୍କରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଧିଷ୍ଟ ପରିଚୟ ପତ୍ର ପ୍ରଦାନ କରାଯାଉ । ପ୍ରକାଶ ଥାଉକି, ମହାନଗର ନିଗମ ପାର୍କିଙ୍ଗ୍ ସ୍ଲଟ୍ ଗୁଡ଼ିକରେ ନିଜ ନିଜର ଗାଡ଼ି ଫ୍ରି ପାର୍କିଙ୍ଗ୍ ଆଦେଶ ପ୍ରଦାନ କରାଯାଉ ।

(ଗ) ଭୁବନେଶ୍ୱର ମହାନଗର ନିଗମ ପୂର୍ବତନ କାଉନ୍‌ସିଲର୍ ଓ କର୍ପୋରେଟର ୱେଲ୍‌ଫେୟାର୍ ଟ୍ରଷ୍ଟର ସ୍ଥାୟୀ ଦପ୍ତର ନିମନ୍ତେ ଏକ ସରକାରୀ ଜାଗା ଆବଂଟନ ନିମନ୍ତେ ପ୍ରସ୍ତାବ । ପ୍ରକାଶ ଥାଉକି, ବର୍ତ୍ତମାନର କାର୍ଯ୍ୟ ତୁଳେଇବା ପାଇଁ ଏକ ସରକାରୀ କ୍ୱାର୍ଟର ଆବଂଟନ କରାଯାଉ ।

ଉପରୋକ୍ତ ପ୍ରସ୍ତାବଟିକୁ ସବିଶେଷ ଆଲୋଚନା ମାଧ୍ୟମରେ ନିଷ୍ପତି ନେବାକୁ ଅନୁରୋଧ ।

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ସର୍ବ ସମ୍ମତିକ୍ରମେ ସୁପାରିଶ କରାଗଲା ।

**ପ୍ରସ୍ତାବ-୭. ତା ୩୦.୦୬.୨୦୨୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ:-**

ପ୍ରସ୍ତାବ-୭(୧). ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପତ୍ରସଂଖ୍ୟା-୨୪୯୮୨ ତା ୦୮.୧୨.୨୦୧୭ ରିଖର ନିର୍ଦ୍ଦେଶ କ୍ରମାଙ୍କ-୬ ଆଧାରରେ ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ୨୨ ଜଣ HIV+ve ଆବେଦନକାରୀମାନଙ୍କୁ Odisha State Aids Control Society (OSACS) ଙ୍କ ଦ୍ୱାରା ମନୋନୀତ କରାଯାଇ ଏ.ସି.ଏସ୍.ଓ ଙ୍କ ମାଧ୍ୟମରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଯୋଗ୍ୟ ବିବେଚିତ କରାଯିବା ନିମନ୍ତେ ସୁପାରିଶ କରାଯାଇଅଛି । ୨୨ ଜଣ ଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରଦାନ କରାଯାଇଅଛି । ଭୁବନେଶ୍ୱର ମହାନଗର ନିଗମ ଅଧିନରେ ବସବାସ କରୁଥିବା ଯୋଗ୍ୟ ଆବେଦନକାରୀମାନଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କରିବା ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବା ନିମନ୍ତେ କର୍ପୋରେସନଙ୍କ ବିଚ୍ରର:- ନଥି ନଂ- XXXX-II-42/25

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋାତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ଼ି ଅଟକଳ |
|---|---|---|---|
| 1. | Constn. of pavered road and drain from Jadupur Sahi Plot No.-372 to Pahani Plot No.-522 from Mamata Jali School main gate Plot No.-75 to Rasul Bark kabarstan Plot No.-77 from Begunia near pond Plot No.-3/421/645 via Plot No.-210/518 (Adarsh Colony) to Maa Duladei Temple & from Dumduma Pala Mandap to Plot No.-883/4273 in W.No.-64 File No.-XXIX-Div.-II-764/2023 | Rs.3,86,82,244/- | Rs. 3,74,89,364/- and sanctioned of EOT for 440 days with levy of penalty Rs.45,000/- |

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ନିମ୍ନୋକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Widening of drain from NH to paikanagar Chhaka near Renault Showroom and Munda Sahi File No.-XXXXXV-(Drainage)-338/2024 | Rs.3,69,06,387/- | Rs.2,92,35,647/- | Ashok Ku. Dash | 19.20 |

ନିର୍ଦ୍ଧାରଣ-୭(୩).ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୪). ଭୁବନେଶ୍ୱର ମହାନଗର ନିଗମ ଅଧିନ ପଳାଶୁଣୀ ସ୍ଥିତ Pet Crematorium ର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ସେଠାରେ ସ୍ଥାପନ କରାଯାଇଥିବା ମୂଲ୍ୟବାନ ଯନ୍ତ୍ରପାତି, ଉପକରଣ ଓ ଅନ୍ୟାନ୍ୟ ସମ୍ପତିର ସୁରକ୍ଷା ନିମନ୍ତେ 24x7 ସୁରକ୍ଷା କର୍ମଗ୍ଭରୀଙ୍କର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଡ଼ିଭିଜନ୍-୧, ଭୁବନେଶ୍ୱର ମହାନଗର ନିଗମ ପତ୍ରସଂଖ୍ୟା-୬୫୬୩ ତା ୧୨.୦୬.୨୦୨୬ ରିଖ ମାଧ୍ୟମରେ Pet Crematorium ରେ ସୁରକ୍ଷା କର୍ମଗ୍ଭରୀ ନିୟୋଜନ ପାଇଁ ମଧ ଅନୁରୋଧ କରିଛନ୍ତି । ଯନ୍ତ୍ରପାତି ଓ ସମ୍ପତିର ସୁରକ୍ଷା ତଥା ଚୋରି, ଭଙ୍ଗାରୁଜା, ଅନଧିକୃତ ପ୍ରବେଶ ଓ ଅନ୍ୟାନ୍ୟ ଅପ୍ରାତିକର ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ସେଠାରେ ୩ ଟି ସିଫ୍ଟରେ 24x7 ଭିତିରେ ୩ ଜଣ ସୁରକ୍ଷା କର୍ମଗ୍ଭରୀ ନିୟୋଜନ କରିବା ଅତ୍ୟାବଶ୍ୟକ ବିବେଚିତ ହେଉଅଛି । ନଥି ନଂ- XXXXXX-III-01/2026 ଟିପ୍ପଣୀ ପୃଷ୍ଠା-୧ ରୁ ୧୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ Pet Crematorium ର ନିରବଚ୍ଛିନ୍ନ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମର Empanelled Security Agency M/s Jagannath Placement and Security Services Pvt. Ltd. ମାଧ୍ୟମରେ ୩ ଜଣ ସୁରକ୍ଷା କର୍ମଗ୍ଭରୀ ନିୟୋଜନ ନିମନ୍ତେ କର୍ପୋରେସନଙ୍କ ବିଗ୍ଭର :-

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ୨୦୨୪-୨୫ ଆର୍ଥିକ ବର୍ଷରେ 5th SFC Salary & Establishment Cost Grant ଅଧିନରେ ପର୍ଯ୍ୟାପ୍ତ ଅର୍ଥ ଉପଲବ୍ଧ ଥିବାରୁ ଉକ୍ତ ଅନୁଦାନରୁ ୧୧.୪୨ କୋଟି ଟଙ୍କା ଗାଡ଼ି ଭଡ଼ା, ଇନ୍ଧନ ବ୍ୟୟ, PMU Consultancy Fee ଏବଂ କେତେକ ବିକାଶମୂଳକ କାର୍ଯ୍ୟ ବାବଦରେ ଖର୍ଚ୍ଚ କରାଯାଇଥିଲା ଯାହା ସାଧାରଣତଃ BMC Own Fund ରୁ ଦିଆଯାଏ । ଏହି ସମ୍ପର୍କରେ AG (O) Audit ପକ୍ଷରୁ ଅନୁଦାନ ଅନୁଯାୟୀ ବ୍ୟୟ କରାଯାଇନଥିବା ହେତୁ ଆପତି ଉଠାଯାଇଛି । ଉକ୍ତ ବ୍ୟୟ ବାବଦରେ ମୋଟ (Gross) ବିଲ୍ ରାଶି ଟ'୧୧,୪୧,୧୯,୬୨୪/-ଙ୍କା ଥିବାବେଳେ ବିଧିବଦ୍ଧ କଟୋତି (deduction) ବାବଦରେ ଟ'୧,୫୭,୧୨,୬୦୪/-ଙ୍କା କଟାଯାଇ ସରକାରୀ ଖାତାରେ ଜମା କରାଯାଇଥିଲା ଏବଂ Net ରାଶି ଟଙ୍କା ୯,୮୪,୦୭,୦୨୦/- ବିଭିନ୍ନ ସଂସ୍ଥା/ ଏଜେନ୍ସିଙ୍କୁ ପ୍ରଦାନ କରାଯାଇଥିଲା । ଏହାର ବିସ୍ତୃତ ବିବରଣୀ AG Memo ରେ ସଂଲଗ୍ନ ରହିଛି । AG (O) Audit ଙ୍କ ଆପତିର ପରିପାଳନ ଏବଂ ଅନୁଦାନ ଖାତାକୁ ପୂର୍ବ ସ୍ଥିତିକୁ ଫେରାଇବା ନିମନ୍ତେ BMC Own Fund ରୁ ଟଙ୍କା ସମପରିମାଣର ରାଶି (୧୧,୪୧,୧୯,୬୨୪/-) Treasury Scheme-44 ରେ ଜମା କରି 5th SFC Salary & Establishment Cost Grant କୁ Recoupment କରିବା ପ୍ରସ୍ତାବ ରହିଛି । ଏହାଦ୍ୱାରା Audit Observation ର ସମାଧାନ ହେବା ସହିତ ଅନୁଦାନ ଖାତାର ବ୍ୟୟ ନିୟମିତ ହେବ । ଏହା ଉପରେ କର୍ପୋରେସନଙ୍କ ବିଚ୍ଚର:- ନଥି ନଂ- I-ACCT-001/2025 ଟିପ୍ପଣୀ-୧ ରୁ ୩୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). PMC ନିଯୁକ୍ତିର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପ ଗୁଡ଼ିକର ଗୁଣବତା/ ମାନ ନିୟନ୍ତ୍ରଣ, ସାଇଟ୍ ସୁପରଭିଜନ୍ ଏବଂ କାର୍ଯ୍ୟ ଅଗ୍ରଗତି ନିରୀକ୍ଷଣ ଇତ୍ୟାଦି, ଯାହାଦ୍ୱାରା ପ୍ରକଳ୍ପ ଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚମାନ ଏବଂ ସନ୍ତୋଷଜନକ ଭାବେ ସମ୍ପନ୍ନ ହୋଇପାରିବ । ପ୍ରାୟ ୧୯ ଜଣ ମ୍ୟାନପାୱାର୍ ଙ୍କ ନିଯୁକ୍ତିକୁ ବିଚ୍ଚରକୁ ନେଇ ୨୪ ମାସର ପ୍ରକଳ୍ପ ଅବଧି ପାଇଁ PMC ନିଯୁକ୍ତିର ଆନୁମାନିକ ବ୍ୟୟ ପ୍ରାୟ ୫.୮୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଉକ୍ତ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ତାଲିକା ସଂଲଗ୍ନ-"ଖ" ରେ ପ୍ରଦାନ କରାଯାଇଅଛି ଯାହାର ଆନୁମାନିକ ମୂଲ୍ୟ ୩୫୧.୭୫ କୋଟି ଟଙ୍କା । ଉକ୍ତ ପ୍ରକଳ୍ପ ଗୁଡ଼ିକର ସୁପରଭିଜନ୍ କଷ୍ଟ୍ ବାବଦକୁ (ସାଧାରଣତଃ Construction cost ର ୧% ରୁ ୨%) ପ୍ରାୟ ୬.୦୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ଯାହା PMC ରେ ନିଯୁକ୍ତି ହେବାକୁ ଥିବା ମ୍ୟାନପାୱାର୍ କଷ୍ଟ୍ ବହନ କରିବ । ଏହି PMC ନିଯୁକ୍ତି ନିବିଦା ଆହ୍ୱାନ ନିମନ୍ତେ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ଏକ Draft RFP ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହାର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଚର:- ନଥି ନଂ- XXXXXX-II-CTC-11/26

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ପୂର୍ବ ବର୍ଷ ପରି ଚଳିତ ବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଶୀତଳଷଷ୍ଠୀ (ଶିବ ବିବାହ) ଉତ୍ସବ ପାଳନ ଅବସରରେ ଶୀତଳଷଷ୍ଠୀ କମିଟିର ସଭାପତି ଟ ୩,୦୦,୦୦୦/-(ତିନି ଲକ୍ଷ ଟଙ୍କା) ମାତ୍ର ମଞ୍ଜୁର କରିବା ପାଇଁ ଆବେଦନ କରିଛନ୍ତି ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନେଇଥିବା ଅର୍ଥର ବିନିଯୋଗ ପତ୍ର ଦାଖଲ କରିଛନ୍ତି । ନଥି ନଂ- XXXXII- GIA (Gen.)-03/19 ଟିପ୍ପଣୀ ପୃଷ୍ଠା-୧ ରୁ ୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଓଡ଼ିଶା କର୍ପୋରେସନ ଅଧିନିୟମ ୨୦୦୩ ଧାରା ୨୫, ଉପଧାରା XXXII ପ୍ରଦତ କ୍ଷମତା ଅନୁଯାୟୀ ଶୀତଳଷଷ୍ଠୀ କମିଟିଙ୍କ ସପକ୍ଷରେ ଟ ୫୦,୦୦୦/- (ପଚ୍ଚଶ ହଜାର ଟଙ୍କା) ମାତ୍ର ଅନୁଦାନ ମଞ୍ଜୁର କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚ୍ଚର:-

ନିର୍ଦ୍ଧାରଣ-୭(୭). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). Solid Waste Management Rules, 2026 ତା ୨୭ ଜାନୁଆରୀ ୨୦୨୬ ରିଖରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ଦ୍ୱାରା ଅଧିସୂଚିତ

ହୋଇଅଛି । ଏହି ନିୟମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ଅଧିକ ଦୃଢ଼ ଢାଞ୍ଚା ପ୍ରଦାନ କରିବା ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ କୁ ସ୍ଥାନିତ କରେ। ଏହି ନିୟମ ୧ ଏପ୍ରିଲ ୨୦୨୬ ଠାରୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଅଛି ଏବଂ ଏହି ନିୟମଗୁଡ଼ିକ ଏକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଭାବରେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ପାଇଁ ପ୍ରଯୁଜ୍ୟ ହେବ।

Solid Waste Management Rules, 2026 ନିୟମ ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ, ସେମାନଙ୍କ ସମ୍ପୃକ୍ତ କ୍ଷେତ୍ରରେ, ଶୁଖିଲା ବର୍ଜ୍ୟବସ୍ତୁ, ଓଦା ବର୍ଜ୍ୟବସ୍ତୁ, ସ୍ୱତନ୍ତ୍ର ଯତ୍ନ ବର୍ଜ୍ୟବସ୍ତୁ, ସାନିଟାରୀ ବର୍ଜ୍ୟବସ୍ତୁ, ଉଦ୍ୟାନ କୃଷି ବର୍ଜ୍ୟବସ୍ତୁ ସହିତ ସାନିଟାରୀ ଲ୍ୟାଣ୍ଡଫିଲ୍ ପରିଚାଳନା ଏବଂ ବିଦ୍ୟମାନ କିମ୍ବା ପୁରୁଣା ବର୍ଜ୍ୟବସ୍ତୁ ଡମ୍ପସାଇଟ୍ ପ୍ରତିକାର ଭଳି କଠିନ ବର୍ଜ୍ୟବସ୍ତୁର ପରିବେଶଗତ ଭାବରେ ସୁଦୃଢ଼ ପରିଚାଳନା ଅନ୍ତର୍ଭୁକ୍ତ ହେବ।

ମାନ୍ୟବର ସୁପ୍ରିମକୋର୍ଟ ଫେବୃଆରୀ 19, 2026 ଏବଂ ମଇ 05, 2026 ତାରିଖର ଆଦେଶ ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା (SWM) ନିୟମ, 2026 କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ସିଭିଲ୍ ଅପିଲ୍ ନଂ 6174/2023 (ଭୋପାଳ ମ୍ୟୁନିସିପାଲ୍ କର୍ପୋରେସନ୍ ବନାମ ଡକ୍ଟର ସୁଭାଷ ସି. ପାଣ୍ଡେ ଏବଂ ଅନ୍ୟାନ୍ୟ) ରେ, ଭାରତର ସୁପ୍ରିମକୋର୍ଟ କଠିନ ବର୍ଜ୍ୟବସ୍ତୁ ପରିଚାଳନା (SWM) ନିୟମ, 2026 କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା ପାଇଁ ସର୍ବଭାରତୀୟ ନିର୍ଦ୍ଦେଶ ଜାରି କରିଅଛନ୍ତି । କୋର୍ଟ ସ୍ଥାନୀୟ ସଂସ୍ଥାଗୁଡ଼ିକୁ 100% ଉତ୍ସ ପୃଥକୀକରଣ ଲାଗୁ କରିବାକୁ ବାଧ୍ୟତାମୂଳକ କରିଛନ୍ତି ।

ଏହି ପରିପେକ୍ଷୀରେ Solid Waste Management Rules, 2026 ଆଧାରରେ BMC ର ନୂତନ Solid Waste Management Bye-law ତିଆରି, ନୋଟିଫିକେସନ ଏବଂ ଏହାର କାର୍ଯ୍ୟକାରୀ କରାଯିବା ପାଇଁ କର୍ପୋରେସନଙ୍କ ବିଚାର । ନଥି ନଂ- XXXXX-II-SBAC-188/2024/58 (pt.)

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୯). ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (MSBY) ଅଧିନରେ ମୋଟ ୨୨୯ ଟି ପ୍ରକଳ୍ପ ଯାହାର ଆନୁମାନିକ ମୂଲ୍ୟ ୧୧୪୫୬.୮୯ ଲକ୍ଷ, ସମ୍ବଳିତ ବାର୍ଷିକ କାର୍ଯ୍ୟ ଯୋଜନା (Annual Action Plan) ସଂଲଗ୍ନ "କ" ମୁତାବକ ପ୍ରସ୍ତୁତ କରାଯାଇଛି । ଏହି ତାଲିକାକୁ ଅନୁମୋଦନ ନିମନ୍ତେ ସରକାରଙ୍କ ପାଖକୁ ପ୍ରେରଣ କରାଯିବା ନିମନ୍ତେ କର୍ପୋରେସନଙ୍କ ବିଗ୍ଚର:- ନଥି ନଂ- XXXXXX-II-CTC-12/26 ଟିପ୍ପଣୀ ପୃଷ୍ଠା-୧ ରୁ ୧୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୦). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଚାଲୁଥିବା **"Street sweeping, Bush Cutting, Drain De-Silting & Conservancy Cleaning"** କାର୍ଯ୍ୟର ଟେଣ୍ଡର ଅବଧି ସମାପ୍ତ ହୋଇଯିବାରୁ ନୂତନ ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତି କ୍ରମେ ନୂତନ ଟେଣ୍ଡରରେ ୬୭ ୱାର୍ଡ଼କୁ କୁ ଛଅ ଗୋଟି ପ୍ୟାକେଜରେ ବିଭକ୍ତ କରି ଟେଣ୍ଡର ପ୍ରସ୍ତୁତି କରାଗଲା ଏବଂ କର୍ପୋରେସନ ଦ୍ୱାରା ଅନୁମୋଦନ କରାଯାଇଥିଲା। ଏହି ସମସ୍ତ ଛଅ ଗୋଟି ପ୍ୟାକେଜ କୁ ଓଡ଼ିଶା ସରକାରଙ୍କର **E-procurement, Govt of odisha** ଦ୍ୱାରା ପୃଥକ ଟେଣ୍ଡରରେ ଆମନ୍ତ୍ରଣ କରାଯାଇଥିଲା ଏବଂ ପ୍ରତ୍ୟେକ ଟେଣ୍ଡର ପ୍ୟାକେଜ ପାଇଁ ଘରୋଇ ସଂସ୍ଥାଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଥିଲା। ଏହାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା :-

| Package no. | Wards | RFP no. and date | Name of the Agencies |
|---|---|---|---|
| 1 (North Zone-1) | 1,2,3,4,5,6,9,10, 11,12,17 & 18 | 9026 dated. 13.02.2026 | 1. PMR Consortium<br>2. Lion Services Ltd. |
| 2 (North Zone-2) | 7,8,13,14,15,16, 20,21,22,25,26 & 27 | 9032 dated. 13.02.2026 | 1. Ourland Engineering Works Pvt. Ltd.<br>2. Green Circle Environment Pvt. Ltd. |

| | | | |
|---|---|---|---|
| | | | 3. PMR Consortium |
| 3 (SW Zone-1) | 44,45,53,54,55, 56,57,58,59,60, 61 & 67 | 9038 dated. 13.02.2026 | 1. Jagruti Welfare Organisation<br>2. Green Circle Environment Pvt. Ltd. |
| 4 (SW Zone-2) | 23,24,48,49,50, 51,52,62,63,64, 65 & 66 | 9044 dated. 13.02.2026 | 1. Jagruti Welfare Organisation<br>2. Green Circle Environment Pvt. Ltd.<br>3. Lion Services Ltd.<br>4. PMR Consortium |
| 5 (SE Zone-1) | 19,30,31,32,33, 34,41,42 & 43 | 9050 dated. 13.02.2026 | 1. Jagruti Welfare Organisation<br>2. Ourland Engineering Works Pvt. Ltd.<br>3. JPS & C AND JPN |
| 6 (SE Zone-2) | 28,29,25,26,27, 28,29,40,46 & 47 | 9056 dated. 13.02.2026 | 1. Ourland Engineering Works Pvt. Ltd.<br>2. JPS & C AND JPN<br>3. Lion Services Ltd. |

ଏଥିରେ ମୋଟ ଛଅଗୋଟି ସଂସ୍ଥା ଟେଣ୍ଡରରେ ଅଂଶଗ୍ରହଣ କରିଥିଲେ। ଏହି ଛଅଗୋଟି ସଂସ୍ଥା ଦ୍ୱାରା ଦାଖଲ କରାଯାଇଥିବା ପ୍ରସ୍ତାବକୁ କମିଶନର, ଭୁବନେଶ୍ୱର ମହାନଗର ନିଗମଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ଟେଣ୍ଡର କମିଟି ତାହାର ମୂଲ୍ୟାଙ୍କନ କରିଥିଲେ ଏବଂ ଛଅଗୋଟି ପ୍ରସ୍ତାବ ମଧ୍ୟରେ କେବଳ ଗୋଟିଏ ସଂସ୍ଥା ନାମକ JPS & C AND JPN ଟେଣ୍ଡର ଧାରା ୩୪ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ବାଦ୍ ପଡ଼ିଥିଲା। ବାକି ୫ ଟି ଘରୋଇ ସଂସ୍ଥାକୁ ଦ୍ୱିତୀୟ ପର୍ଯ୍ୟାୟରେ ମୂଲ୍ୟାଙ୍କନ କରିବାକୁ **Technical Presentation** ପାଇଁ ଡ଼କାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସମାପ୍ତି ୫ ଗୋଟିଯାକ ସଂସ୍ଥା ୭୦ ମାର୍କରୁ ଉର୍ଦ୍ଧ୍ୱ ହାସଲ କରିଥିଲେ ଏବଂ **financial BID Opening** ପାଇଁ ଯୋଗ୍ୟ ହୋଇଥିଲେ। ଟେଣ୍ଡର କମିଟି ଦ୍ୱାରା ଦିଆଯାଇଥିବା Technical Score ନିମ୍ନଲିଖିତ ଅଟେ ।

| Name of the Agency | Technical score out of 70 marks | Presentation out of 30 marks | Total Marks |
|---|---|---|---|
| M/s Ourland Engineering Works Pvt. Ltd. | 60 | 11 | **71** |
| M/s Green Circle Environment Pvt. Ltd. | 55 | 19 | 74 |
| M/s PMR Consortium | 50 | 25 | **75** |
| M/s Lion Services Ltd. | 60 | 22 | **82** |
| M/s Jagruti Welfare Organisation | 60 | 12 | **72** |

ଏହା ବ୍ୟତୀତ ଟେଣ୍ଡର ସର୍ତ୍ତ ଅନୁଯାୟୀ ଉପରଲିଖିତ ଏଜେନ୍ସୀଙ୍କର ସର୍ବାଧିକ ପ୍ୟାକେଜ କାର୍ଯ୍ୟ ପ୍ରଦାନ ପାଇଁ ଯୋଗ୍ୟତାର ମୂଲ୍ୟାଙ୍କନ କରାଯାଇଥିଲା। ଯେଉଁଥିରେ ଦୁଇ ଗୋଟି ସଂସ୍ଥା ନାମକ **M/s Jagruti Welfare Organisation** ଏବଂ **M/s Lion Services Limited** ଦୁଇ ଗୋଟି ପ୍ୟାକେଜ ପାଇଁ ଯୋଗ୍ୟ ଏବଂ ବାକି ସମସ୍ତ ସଂସ୍ଥାକୁ ଗୋଟିଏ ଲେଖାଏଁ ପ୍ୟାକେଜ ପାଇଁ ଯୋଗ୍ୟ ଘୋଷଣା କରାଯାଇଥିଲା। ତଦ୍ ଅନୁଯାୟୀ ତା. ୦୫/୦୭/୨୦୨୬ ରିଖ ରେ ଏହି ୫ ଗୋଟି ସଂସ୍ଥାଙ୍କର Financial BID ଖୋଲାଯାଇଥିଲା ଯାହାର ବିବରଣୀ ନିମ୍ନଲିଖିତ ଅଟେ।

| Package no. | Name of the Agency | Annual Operating Cost in Rs. Crores |
|---|---|---|
| 1 | PMR Consortium | **24,62,41,889/-** |
| | **Lion Services Ltd.** | **29,88,00,000/-** |
| 2 | PMR Consortium | **20,21,16,640/-** |
| | **Green Circle Environment Pvt. Ltd.** | **23,66,47,082/-** |
| | Ourland Engineering Works Pvt. Ltd. | **33,09,75,914/-** |
